# ଉତରାଂଚଳ ରାଜସ୍ୱ କମିଶନରଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ : ବିଭିନ୍ନ ବିଭାଗୀୟ କାର୍ଯ୍ୟକ୍ରମର ସମୀକ୍ଷା



କେନ୍ଦୁଝର, ତା୧୨.୧୦.   ଉତରାଂଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଚଳିତ ଅକ୍ଟୋବର ୧୨ ତାରିଖ ଗୁରୁବାର ଦିନ କେନ୍ଦଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସଂପର୍କରେ ଉତରାଂଚଳ ରାଜସ୍ୱ କମିଶନରଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଉତରାଂଚଳ ରାଜସ୍ୱ କମିଶନର ଡ. ଦଳାଇ ଜିଲ୍ଲା କାର୍ଯ୍ୟାଳୟର ବିଭିନ୍ନ ବିଭାଗ, ଉପବିଭାଗର କାର୍ଯ୍ୟାବଳୀ ତଦାରଖ କରିବା ସହିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ଲୋକାଭିମୁଖି କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅପରାହ୍ନରେ ଦରବାର ହଲ୍ଠାରେ ରାଜସ୍ୱ ବିଭାଗର କାର୍ଯ୍ୟାବଳୀ ସଂପର୍କରେ ମଧ ଡ.ଦଳାଇ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘସିରାମ ମୁର୍ମୁ, କେନ୍ଦୁଝର, ଚମ୍ପୁଆ ଏବଂ ଆନନ୍ଦପୁର ଉପଖଣ୍ଡର ଉପଜିଲ୍ଲାପାଳ, ସମସ୍ତ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ

ଉପସ୍ଥିତ ରହି ରାଜସ୍ୱ କମିଶନରଙ୍କୁ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଅବଗତ କରାଇଥିଲେ । ସୂଚନାଯୋଗ୍ୟ ଯେ ଗୁରୁବାର ପୂର୍ବାହ୍ନରେ ରାଜସ୍ୱ କମିଶନର ଡ. ଦଳାଇ ବାଂଶପାଳ ବ୍ଲକ୍ ପରିଦର୍ଶନ କରିଥିଲେ । ସେଠାରେ ଭିତିଭୂମିର ପର୍ଯ୍ୟବେକ୍ଷଣ କରିବା ସହିତ ବ୍ଲକ୍‌ର କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଅଧିକାରୀ ଓ କର୍ମଚାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରି ଦକ୍ଷତାର ସହ କର୍ତବ୍ୟ ସଂପାଦନ କରି ଜନସାଧାରଣଙ୍କୁ ଉତମମାନର ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବ୍ଲକ୍‌କୁ ଆସିଥିବା ଲୋକମାନଙ୍କ ସହିତ ବାର୍ତାଳାପ ପରି ସେମାନେ ବିଭିନ୍ନ ସରକାରୀ ସେବା କିପରି ପାଉଛନ୍ତି ପଚାରି ବୁଝିଥିଲେ । ଏହା ପରେ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ରୋଗୀମାନଙ୍କୁ କିପରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି ତଦାରଖ କରିଥିଲେ । ରୋଗୀ ଏବଂ ଡାକ୍ତରମାନଙ୍କ ସହ ରାଜସ୍ୱ କମିଶନର ଡ. ଦଳାଇ ବାର୍ତାଳାପ କରି ସ୍ୱାସ୍ଥ୍ୟସେବା ସଂପର୍କରେ ପଚାରି ବୁଝିଥିଲେ ।।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର